Gangadhar Rath Birth centenary seminar news published in the 'Dharitri' on 12.06.2022

# 'ଗଙ୍ଗାଧର ରଥ ଥିଲେ ପ୍ରେରଣାର ଉତ୍ସ'



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

**କଟକ ଅଫିସ, ୧୧।୬**

ଗଙ୍ଗାଧର ରଥ ମାନବବାଦୀ ଚେତନାର ପ୍ରସାରରେ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିଲେ। ଆଇନ ଓ ସାହିତ୍ୟର ସମନ୍ୱୟ ଥିଲା ଗଙ୍ଗାଧରଙ୍କ ଜୀବନ ଧାରା। ସେ ସାହିତ୍ୟ ସାଧନା କରିବା ସହିତ ଲେଖକ ଓ ଆଇନଜ୍ଞ ସୃଷ୍ଟି ପାଇଁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିଲେ। ସେ ବାସ୍ତବରେ ପ୍ରେରଣାର ଉତ୍ସ ଥିଲେ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ କହିଛନ୍ତି। ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ରଥଙ୍କ ଜନ୍ମଶତବାର୍ଷିକୀ ଅବସରରେ ଏକ ଆଲୋଚନାଚକ୍ର କଟକ ଶତାବ୍ଦୀ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଷ୍ଟିସ ଷଡଙ୍ଗୀ ଉଦ୍ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା କବି ଅମରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନର ସମ୍ପାଦକ ସୁସ୍ମିତା ରଥ କହିଥିଲେ, ଆଇନ ଓ ସାହିତ୍ୟ ସାଧନା ସହ ଉନ୍ନତ ସାମାଜିକ ଜୀବନଯାପନରେ ଗଙ୍ଗାଧର ଥିଲେ ଜଣେ ଆଦର୍ଶପୂର୍ଣ୍ଣ ବ୍ୟକ୍ତିତ୍ୱ। ସେହିପରି ପୌରୁଷର ସମ୍ପାଦକ ଅସିତ ମହାନ୍ତି ଯୋଗଦେଇ ଗଙ୍ଗାଧର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଗବେଷକ କମଳ ମାହୁର ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଡ. ବୈଜୟନ୍ତୀ ମିଶ୍ର ଉପବର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ।